ଓଡ଼ିଶା ଭାସ୍କର
ODISHA BHASKAR

Odisha Bhaskar

# କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଗ୍ରହଣ କଲେ ଗାୟତ୍ରୀବାଳା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍) : ବିଶିଷ୍ଟ ଓଡ଼ିଆ କବି ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ମିଳିଛି ୨୦୨୨ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। 'ଦୟାନଦୀ' ପୁସ୍ତକ ପାଇଁ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ନବନିର୍ବାଚିତ ସଭାପତି ମାଧବ କୌଶିକ ଡ଼. ପଣ୍ଡାଙ୍କୁ ପୁରସ୍କାର ସ୍ୱରୂପ ୧ଲକ୍ଷ ଟଙ୍କାର ଅର୍ଥରାଶି ଓ ତାମ୍ର ଫଳକ ପ୍ରଦାନ କରିଛନ୍ତି। ପୂର୍ବରୁ ଡ଼. ପଣ୍ଡା କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିଲେ। ଏବେ ସେ ତାଙ୍କର କବିତା ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଦୁଇଟି ବର୍ଗରେ

- **ପୁରସ୍କାର ସ୍ୱରୂପ ତାମ୍ରଫଳକ ଓ ୧ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ**
- **ଯୁବ ଓ ମୁଖ୍ୟ ବର୍ଗରେ ପୁରସ୍କାର ପାଇବାରେ ପ୍ରଥମ ଭାରତୀୟ କବି**

ପୁରସ୍କାର ପାଇବାରେ ଗାୟତ୍ରୀବାଳା ପ୍ରଥମ ଭାରତୀୟ କବିର ମାନ୍ୟତା ପାଇଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ତଥା ବିଶିଷ୍ଟ ଇଣ୍ଡୋ-ଇଂରାଜୀ ଲେଖକ ଉପମନ୍ୟୁ ଚାଟାର୍ଜୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ଓ ଏକାଡେମୀର ଉପସଭାପତି ବିଶିଷ୍ଟ ସାହିତ୍ୟିକା କୁମୁଦ ଶର୍ମା ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୬ଦିନିଆ ସାହିତ୍ୟ ଉତ୍ସବ 'ଫେଷ୍ଟିଭାଲ୍ ଅଫ୍‌ଲେଟ ଉତ୍ସବ ଆରମ୍ଭ ହୋଇଛି। ଗଣମାଧ୍ୟମ ସହ ପୁରସ୍କାର ବିଜେତାଙ୍କ ଆଲୋଚନା କାଳରେ ଡ଼.ପଣ୍ଡା ତାଙ୍କର କବିତା ସଂକଳନ 'ଦୟାନଦୀ' ପୁସ୍ତକ ସମ୍ପର୍କରେ ବିସ୍ତୃତ ଭାବରେ ସୂଚନା ଦେଇଛନ୍ତି। 'ଦୟା ନଦୀ'ର କବିତା ସବୁ ଇତିହାସର କୌଣସି ତାତ୍ତ୍ୱିକ ଆଲୋଚନା ବା କାବ୍ୟରୂପ ନୁହେଁ; ଏହା ଇତିହାସ ନଦୀରେ ନୌଯାତ୍ରାର କାବ୍ୟିକ ସମ୍ବେଦନା। କଳିଙ୍ଗ ଯୁଦ୍ଧର ଏକମାତ୍ର ସାକ୍ଷୀ ହେଉଛି ଦୟାନଦୀ ଏବେ ବି ରହିଛି। ଶାନ୍ତି, ପ୍ରୀତି ଓ ମୈତ୍ରୀର ଜୟଗାନ କରୁଛି ବୋଲି କହିଛନ୍ତି ଗାୟତ୍ରୀବାଳା। ୨୦୧୭ମସିହାରେ ପକ୍ଷୀଘର ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ 'ଦୟାନଦୀ' କଳିଙ୍ଗ ଯୁଦ୍ଧ ଉପରେ ଆଧାରିତ। ରାଜକମଲ ପ୍ରକାଶନୀ ଦ୍ୱାରା ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା ଓ ନିକଟରେ ବିଶ୍ୱ ପୁସ୍ତକ ମେଳାରେ ଏହି କବିତା ସଙ୍କଳନର ଦ୍ୱିତୀୟ ହିନ୍ଦୀ ସଂସ୍କରଣ ପ୍ରକାଶ ପାଇଛି। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ କାଳ କବିତା, ଗପ, ଉପନ୍ୟାସ, ପ୍ରବନ୍ଧ ଓ ଖବରକାଗଜରେ ସ୍ତମ୍ଭ ରଚନା କରି ଯଥେଷ୍ଟ ପାଠକୀୟ ସ୍ୱୀକୃତି ହାସଲ କରିଥିବା କବି ଗାୟତ୍ରୀବାଳା ପଣ୍ଡାଙ୍କର ଅଦ୍ୟାବଧି ୨୮ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି।

